## ଅଗ୍ନିକାଣ୍ଡରେ ୧୩ ବଖରା ଜଳିଗଲା

**କେନ୍ଦ୍ରାପଡ଼ା ଅଫିସ:** କେନ୍ଦ୍ରାପଡ଼ା ତହସିଲ ନିକିରାଇ ଥାନା ଇନ୍ଦୁପୁରଠାରେ ସୋମବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ହୋଇଛି। ଏଥିରେ ଗ୍ରାମର ହରିହର ମଲ୍ଲିକଙ୍କ ୪ ପୁଅଙ୍କ ୧୩ ବଖରା ଘର ଜଳିଯାଇଛି। ପ୍ରାଥମିକ ସୂଚନା ଅନୁଯାୟୀ, ରାତି ପ୍ରାୟ ୨ଟାରେ ନିଆଁ ଲାଗିଥିଲା। ଏଥିରେ ଘରର ସମସ୍ତ ଆସବାବପତ୍ର ସହ ସାମଗ୍ରୀ ପୋଡିଯାଇଛି। ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର କାରଣ ଶର୍ଟ ସର୍କିଟ ଅଥବା ଗୁହାଳ ଘର ମଶା ଧୂଆଁ ବୋଲି ଆଲୋଚନା ହେଉଛି।

### ସଂକ୍ଷେପରେ

## ଖାଉଟି କମିଶନରେ ସଭାପତି ଓ ସଭ୍ୟଙ୍କ ଯୋଗଦାନ

**କେନ୍ଦ୍ରାପଡ଼ା ଅଫିସ,୨୨।୩:** କେନ୍ଦ୍ରାପଡ଼ା ଜିଲା ଖାଉଟି ବିବାଦ ସମାଧାନ କମିଶନର ସଭାପତିଙ୍କ ନିଯୁକ୍ତି ମଙ୍ଗଳବାର ହୋଇଛି। ଜିଲା ସଭାପତି ଭାବେ ପ୍ରବୋଧ କୁମାର ଦାଶଙ୍କୁ ରାଜ୍ୟ ସରକାର ନିଯୁକ୍ତି ଦେଇଛନ୍ତି। ଏଥିସହ ଏହି ଜିଲା କମିଶନରେ ସଭ୍ୟ ଭାବେ ଆଇନଜୀବୀ ବିବେକାନନ୍ଦ ଦାସ ଯୋଗ ଦେଇଛନ୍ତି। କମିଶନର ଏହି ନୂତନ ସଭାପତି ଓ ସଭ୍ୟଙ୍କୁ କର୍ମଚାରୀମାନେ ସ୍ୱାଗତ କରିଛନ୍ତି। ସୂଚନାଯୋଗ୍ୟ, ଦୁଇବର୍ଷ ଧରି କମିଶନରେ ସଭାପତି ନିଯୁକ୍ତି ହୋଇ ନ ଥିଲା। ଏଥିପାଇଁ ଜିଲାର ଖାଉଟି ବିବାଦ ପଡିରହିଛି। ନୂତନ ସଭାପତି ଦାଶ କହିଛନ୍ତି, ଖାଉଟି ବିବାଦର ସମାଧାନକୁ ତ୍ୱରାନ୍ୱିତ କରାଯିବ।

## ଜିଲାସ୍ତରୀୟ ବିଶ୍ୱ ବନ ଦିବସ

**ରାଜନଗର,୨୨।୩(ଡି.ଏନ.ଏ.):** ରାଜନଗର ବନଖଣ୍ଡ ଡିଭିଜନ ପକ୍ଷରୁ ଜିଲାସ୍ତରୀୟ ବିଶ୍ୱ ବନ ଦିବସ ୨୦୨୨ କନିକା ରେଞ୍ଜର ଡାଙ୍ଗମାଳଠାରେ ପାଳିତ ହୋଇଯାଇଛି। ଡିଏଫ୍ଓ ଡ. ଯଜ୍ଞଦତ୍ତ ପତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜଙ୍ଗଲ ସମ୍ପଦ ସୁରକ୍ଷା, ବ୍ୟାପକ ବୃକ୍ଷ ରୋପଣ ଉପରେ ଗୁରୁତ୍ୱାରୋପ କରିଥିଲେ। କନିକା ରେଞ୍ଜ ଅଫିସର ମାନସ କୁମାର ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବୈତନିକ ବନଖଣ୍ଡ ତତ୍ତ୍ୱାବଧାରକ ସୂର୍ଯ୍ୟ ନାରାୟଣ ଲେଙ୍କା, ରାଜନଗର ରେଞ୍ଜ ଅଫିସର ଧନେଶ୍ୱର ରଥ, ଗହୀରମଥା ରେଞ୍ଜ ଅଫିସର ଦେବାଶିଷ ଭୋଇ, ମହାକାଳପଡ଼ା ରେଞ୍ଜ ଅଫିସର ସାହାଜୀ ଚରଣ ବିଶ୍ୱାଳ, ବରିଷ୍ଠ ବୈଜ୍ଞାନିକ ଅନୁପ୍ କୁମାର ପ୍ରମୁଖ ଯୋଗଦେଇଥିଲେ। ପରିବେଶ ସୁରକ୍ଷା ଓ ବ୍ୟାପକ ବୃକ୍ଷରୋପଣ ପାଇଁ ସବ୍‌ଡିଭିଜନାଲ ସ୍ତରରେ ରାଜନଗରସ୍ଥିତ ଶ୍ରୀ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟକୁ ମାନପତ୍ର, ୧୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ଅତୁଳ ବଳ ଏହି ପୁରସ୍କାର ଡିଏଫ୍ଓ ଡ. ପତିଙ୍କଠାରୁ ଗ୍ରହଣ କରିଥିଲେ। ସେହିପରି କୁଜଙ୍ଗ, ସମାଗଳର ବିଜୟଚାନ୍ଦ ସଂସ୍କୃତ ମହାବିଦ୍ୟାଳୟକୁ ୧୦ ହଜାର ଟଙ୍କା ଓ ମାନପତ୍ର ପ୍ରଦାନ କରାଯାଇଥିଲା। ବ୍ୟାପକ ବୃକ୍ଷରୋପଣ ଓ ଲୋକଙ୍କୁ ସଚେତନ କରାଇଥିବାରୁ ଖମାରସାହି ପଞ୍ଚାୟତକୁ ୨୦ ହଜାର ଟଙ୍କା ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଖମାରସାହି ସରପଞ୍ଚ ଅନସୂୟା ବିଶ୍ୱାଳ ଏହି ପୁରସ୍କାର ଗ୍ରହଣ କରିଥିଲେ। ୩୦ ବର୍ଷ ଧରି ଭିତରକନିକାର ସୁରକ୍ଷା, ବୃକ୍ଷରୋପଣ ଓ ସଂରକ୍ଷଣ କରିଥିବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

**ଆଳି,୨୨।୩(ଡି.ଏନ.ଏ.):** ଆଳି ବ୍ଲକ ଦଶିପୁର ପଞ୍ଚାୟତରେ ଥିବା ଆଠପାଟଣା ବୀଣାପାଣି ନୋଡାଲ ଉଚ୍ଚ ବିଦ୍ୟାଳୟରରେ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିରଞ୍ଜନ ଦାଶଙ୍କ ଅଧ୍ୟକ୍ଷତାରେ ଏହା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟରୁ ଅବସର ନେଇଥିବା ବରିଷ୍ଠ ଶିକ୍ଷକ ନିରଞ୍ଜନ ସାହୁ ଓ ବିଦ୍ୟାଳୟରୁ ଅନ୍ୟତ୍ର ବଦଳି ହୋଇଥିବା ଶୁଭ୍ରାଂଶୁବାଳା ଦାସଙ୍କୁ ଅଙ୍ଗବସ୍ତ୍ର, ଉତ୍ତରୀୟ, ମାନପତ୍ର ତଥା ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଏବିଓ ପାବନୀ କୁମାର ରାଉତ, ମୁଖ୍ୟବକ୍ତା ବାସୁଦେବ ମଲିକ, ସମ୍ମାନିତ ଅତିଥି ପ୍ରଦ୍ୟୋତ କୁମାର ମହାନ୍ତି, ଅମୁଲ୍ୟ ରାଉତ ପ୍ରମୁଖ ଯୋଗଦେଇଥିଲେ।

# ବିଜେଡି ହେଭିୱେଟ୍‌ଙ୍କ ଜୋର୍‌ଦାର ପ୍ରଚାର

### ଜଗତ୍‌ସିଂହପୁର ପୌର ନିର୍ବାଚନ

**ଜଗତ୍‌ସିଂହପୁର ଅଫିସ, ୨୨।୩**

ଜଗତ୍‌ସିଂହପୁର ପୌର ନିର୍ବାଚନ ନେଇ ମଙ୍ଗଳବାର ପ୍ରଚାର ଶେଷ ହୋଇଛି। ଏନେଇ ପ୍ରମୁଖ ରାଜନୈତିକ ଦଳଗୁଡିକ ପକ୍ଷରୁ ଜୋରଦାର ପ୍ରଚାର କରାଯାଇଛି। ବିଶେଷକରି ବିଜେଡିର ଏକାଧିକ ହେଭିୱେଟ୍ ନେତା ପ୍ରଚାରରେ ସାମିଲ ହୋଇଥିଲେ। ଦଳର ଜିଲା ସଭାପତି ତଥା ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲିଙ୍କ ନେତୃତ୍ୱରେ ଆଗଧାଡିର ନେତାମାନେ ପ୍ରଚାରରେ ସାମିଲ ହୋଇଥିଲେ। ମଙ୍ଗଳବାର ରାଜ୍ୟ ଜଳସମ୍ପଦ, ସୂଚନା ଓ ଲୋକସମ୍ପର୍କ ବିଭାଗ ମନ୍ତ୍ରୀ ରଘୁନନ୍ଦନ ଦାସ, ଜଗତ୍‌ସିଂହପୁର ଏମ୍‌ପି ରାଜଶ୍ରୀ ମଲ୍ଲିକ ଓ ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ ପ୍ରମୁଖ ୱାର୍ଡଗୁଡିକରେ ଭୋଟରଙ୍କ ନିକଟରେ ପହଞ୍ଚି ବିଜେଡିର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତା ଓ ସୁଶାସନ ବିଷୟରେ ସଚେତନ କରିଥିଲେ। ପୌରାଞ୍ଚଳର ବିକାଶ ପାଇଁ ବିଜେଡି ପୌରାଧ୍ୟକ୍ଷ ପ୍ରାର୍ଥିନୀ ଓ କାଉନ୍‌ସିଲର ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ନିବେଦନ କରିଥିଲେ। ଅନୁରୂପ ଭାବେ ଭାଜପା ଓ କଂଗ୍ରେସ ପ୍ରାର୍ଥୀମାନେ ମଧ୍ୟ ଭୋଟରଙ୍କ ନିକଟତର ହେବାକୁ ଉଦ୍ୟମ କରିଛନ୍ତି। ପ୍ରଚାର ସରିବା ପରେ ପ୍ରଶାସନ ପକ୍ଷରୁ ମଦ ଦୋକାନଗୁଡିକ ନିର୍ବାଚନ ସରିବା ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି । କିନ୍ତୁ ବାହାରେ ପ୍ରଚୁର ପରିମାଣର ମଦ ବେଆଇନ ଭାବେ ବର୍ଦ୍ଧିତ ଦରରେ ବିକ୍ରି ହେବା ଆରମ୍ଭ ହୋଇଯାଇଛି। ଅନ୍ୟପଟେ ପ୍ରତି ୱାର୍ଡରେ ଭୋଜି ଜମୁଛି। ନିର୍ବାଚନକୁ ଆଉ କେବଳ ୨ ଦିନ ଥିବା ବେଳେ ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ଅର୍ଥବଳ ପ୍ରୟୋଗ ହେବାର ଆଶଙ୍କା ରହିଛି। ଏନେଇ ରାଜନୈତିକ ଦଳଗୁଡ଼ିକ ପରସ୍ପରକୁ ଜଗୁଥିବା ଦେଖିବାକୁ ମିଳିଛି।


ପ୍ରଚାରରେ ବେଜେଡିର ଅଧ୍ୟକ୍ଷା ପ୍ରାର୍ଥିନୀ ରାଜଶ୍ରୀ ମହାପାତ୍ର, ବିଧାୟକ ପ୍ରଶାନ୍ତ ମୁଦୁଲି ଓ ଅନ୍ୟମାନେ।

## ପଞ୍ଚାୟତିରାଜ ବ୍ୟବସ୍ଥା ବୁଝିଲେ ନୂତନ ଲୋକପ୍ରତିନିଧି

**ବିରିଡ଼ି,୨୨।୩(ଡି.ଏନ୍.ଏ.)**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପରେ ମଙ୍ଗଳବାର ପ୍ରଥମକରି ବିରିଡି ବ୍ଲକ ସଦର ମହକୁମାର କୁଲକଇଜଙ୍ଗା ପଞ୍ଚାୟତରେ ଏକ ବୈଠକ ହୋଇଥିଲା। ଏଥିରେ ନବନିର୍ବାଚିତ ସରପଞ୍ଚ ପ୍ରଭାସିନୀ ବେହେରା ସଭାପତିତ୍ୱ କରିଥିଲେ। ସମିତିସଭ୍ୟା ପିନାକୀ ପ୍ରିୟଦର୍ଶିନୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ପ୍ରଭାକର ନନ୍ଦି ଓ ନାଏବ ସରପଞ୍ଚ ମନୋଜ କୁମାର ମଲ୍ଲିକଙ୍କ ସହ ୧୧ ୱାର୍ଡର ସଭ୍ୟାସଭ୍ୟ, ୫ ଅଙ୍ଗନୱାଡି କର୍ମୀ, ଏସ୍ଇଏମ୍, ଏମ୍‌ବିକେ ପ୍ରମୁଖ ଯୋଗଦେଇଥିଲେ। ପିଇଓ ନନ୍ଦି ପଞ୍ଚାୟତର ସମସ୍ତ ଲୋକପ୍ରତିନିଧିଙ୍କୁ ପଞ୍ଚାୟତିରାଜ ବ୍ୟବସ୍ଥାର ନିୟମ ସମ୍ବନ୍ଧରେ ବୁଝାଇଥିଲେ। ଏତଦ୍‌ବ୍ୟତୀତ ବିଭିନ୍ନ ୱାର୍ଡରେ ଥିବା ସମସ୍ୟା ସମ୍ପର୍କରେ ଲିଖିତ ଭାବେ ଆଣି ସରପଞ୍ଚଙ୍କୁ ଦେବାକୁ ୱାର୍ଡ ସଭ୍ୟମାନଙ୍କୁ ପରାମର୍ଶ ଦେଇଥିଲେ। ପ୍ରତିମାସରେ ଥରେ ପଞ୍ଚାୟତ ବୈଠକ ବସିବାର ନିୟମ ରହିଛି ବୋଲି ନନ୍ଦି କହିଥିଲେ।

## ଠକ ପ୍ରେମିକଙ୍କୁ ୫ ବର୍ଷ ଜେଲ

**କେନ୍ଦ୍ରାପଡ଼ା ଅଫିସ, ୨୨।୩**

କେନ୍ଦ୍ରାପଡ଼ା ଜିଲା ନିକିରାଇ ଥାନା ଅଞ୍ଚଳର ଜଣେ ଦୃଷ୍ଟିବାଧିତ ଯୁବତୀଙ୍କୁ ପ୍ରେମ ଜାଲରେ ପକାଇ ଗର୍ଭବତୀ କରିବା ମାମଲାର ମଙ୍ଗଳବାର ରାୟ ପ୍ରକାଶ ପାଇଛି। ମାମଲା ନଂ. ୬୩/୧୫କୁ କେନ୍ଦ୍ରାପଡ଼ା ଫାଷ୍ଟ ଟ୍ରାକ ବିଚାରପତି ତ୍ରିବିକ୍ରମ ଚିନ୍ନରା ବିଚାର କରି ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ତିଘିରିଆ ଗାଁର କାଳିଆ ଜେନାଙ୍କୁ ୫ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ଜରିମାନା ବାବଦ ୫ ହଜାର ଟଙ୍କା, ଅନାଦାୟ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବେ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ଏ ସମ୍ପର୍କରେ ମାମଲା ପରିଚାଳନାକାରୀ ସରକାରୀ ଓକିଲ ସଞ୍ଜୟ କୁମାର ଜେନା କହିଛନ୍ତି, କାଳିଆ ପେସାରେ ଅଟୋ ଚାଳକ। ୨୦୧୪ରେ ନିକିରାଇ ଥାନା ଅଞ୍ଚଳର ସମ୍ପୃକ୍ତା ଦୃଷ୍ଟିବାଧିତ ନାବାଳିକାଙ୍କ ସହ ଅଟୋରେ ଦେଖା ହୋଇଥିଲା। ପରବର୍ତ୍ତୀ ସମୟରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ନାବାଳିକା ୭ ମାସ ଗର୍ଭବତୀ ହୋଇଥିଲେ ମଧ୍ୟ କାଳିଆ ଧରାଛୁଆଁ ଦେଇ ନ ଥିଲେ। ଏପରିକି ୨୦୧୫ରେ ଏକ ପୁଅ ଜନ୍ମ ହୋଇଥିଲେ ମଧ୍ୟ ଡାକ୍ତରଖାନା ଆସି ନ ଥିଲେ। ଯୁବତୀଙ୍କ ପରିବାର ପକ୍ଷରୁ ୨୦୧୫ ଜୁନ ୨୬ରେ ଥାନାରେ ଅଭିଯୋଗ ହୋଇଥିଲା।

# ପୁରୁଷ ଶୂନ୍ୟ ହୋଇଗଲା ପରିବାର

**ରାଜନଗର, ୨୨।୩ (ଡି.ଏନ.ଏ.)**

- ବର୍ଷେ ତଳେ ବାପା ଏବେ ପୁଅଙ୍କ ମୃତ୍ୟୁ
- ପରିବାରରେ ଗର୍ଭବତୀ ସ୍ତ୍ରୀ, ମା' ଓ ଜେଜେ ମା'

ମୃତ୍ୟୁ କେତେବେଳେ ଆସେ କହିବା କଷ୍ଟକର। ସେ ବୁଢା କି ଯୁବକ ଦେଖେ ନାହିଁ। ପରିବାରର ରୋଜଗାରକ୍ଷମ ବ୍ୟକ୍ତିଙ୍କୁ ବି ସେ ଛାଡେ ନାହିଁ। ସ୍ତ୍ରୀଠାରୁ ସ୍ୱାମୀ, ମାଆଠାରୁ ପୁଅକୁ ସେ ଛଡାଇ ନିଏ। ଏମିତି ବର୍ଷକ ଭିତରେ ଡକା ଡକି ହୋଇ ବାପାଙ୍କ ପରେ ପୁଅ ଆରପାରିକୁ ଚାଲି ଯାଇଛନ୍ତି। ଫଳରେ ପରିବାର ପୁରୁଷ ଶୂନ୍ୟ ହୋଇପଡିଛି। ଏଭଳି ହୃଦୟ ବିଦାରକ ଦୁଃଖଦ ଘଟଣା ରାଜନଗର ବ୍ଲକ ଈଶ୍ୱରପୁର ପଞ୍ଚାୟତ ରାଜବିଜୟନଗର ଗାଁରୁ ଆସିଛି। ରାଜବିଜୟନଗର ଗାଁର ମିଥୁନ ପାତ୍ର (୨୫) ଭଦ୍ରକ ଅଞ୍ଚଳରେ ଟ୍ରାକ୍ଟର ଡ୍ରାଇଭର ଭାବେ କାମ କରୁଥିଲେ। ୭ଦିନ ତଳେ ଚିଙ୍ଗୁଡି ଘେରି ଖୋଳା ହେବା ବେଳେ ଟ୍ରାକ୍ଟର ଓଲଟି ପଡିବାରୁ ମିଥୁନଙ୍କ ମୃତ୍ୟୁ ଘଟିଥିଲା। ମିଥୁନଙ୍କ ବିୟୋଗ ପରେ ତାଙ୍କ ପରିବାରରେ କଳାର ବାଦଲ ଘୋଟି ଯାଇଛି। ବର୍ଷେ ତଳେ ରୋଗରେ ପଡି ବାପା ଚାଲି ଯାଇଥିଲେ। ପରିବାର ପୁରୁଷ ଶୂନ୍ୟ ହୋଇଯାଇଛି। ୯ ମାସ ତଳେ ବିବାହ କରିଥିବା ମିଥୁନଙ୍କ ସ୍ତ୍ରୀ ଏବେ ଗର୍ଭବତୀ ଅଛନ୍ତି। ଏବେ ପରିବାରରେ ମିଥୁନଙ୍କ ଗର୍ଭବତୀ ପତ୍ନୀ, ମା' ଓ ଜେଜେମା'। ପରିବାରର ଏକମାତ୍ର ରୋଜଗାରକ୍ଷମ ପୁଅର ମୃତ୍ୟୁ ପରେ ୭ଦିନ ହେଲା ଘରେ ଚୁଲି ଜଳିନି। କାହାରି ମୁହଁରେ ଭାଷା ନାହିଁ। କାନ୍ଦି କାହାର ଚେତା ପଳାଉଛି ତ, ଆଉ କିଏ ମୂର୍ଚ୍ଛା ଯାଉଛି। ପରିବାର ଅତ୍ୟନ୍ତ ଗରିବ ହୋଇଥିବାରୁ ଓ ଖାଇବା ଦୂରର କଥା, ମିଥୁନଙ୍କ ଶୁଦ୍ଧିକ୍ରିୟା ପାଇଁ ପରିବାର ପାଖରେ ଅର୍ଥ ନାହିଁ। ପରିବାର ଏବେ ପୁରୁଷ ଶୂନ୍ୟ ହୋଇପଡିଛି। ପ୍ରଶାସନ ଏହି ଅସହାୟ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଅପରପକ୍ଷେ ଏହି ପରିବାରକୁ ରାଜନଗରର ଦୁଇ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି।


ଘର ସମ୍ମୁଖରେ ଠିଆ ହୋଇଥିବା ମିଥୁନଙ୍କ ପରିବାର ଲୋକ।

## ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ଡେରାବିଶ,୨୨।୩(ସ୍ୱ.ପ୍ର.)**

ଡେରାବିଶ ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ବିଡିଓ ଗୋପବନ୍ଧୁ ଭୋସାଗର ଉଦ୍‌ଘାଟନ କରିଥିଲେ। ଏଥିରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ଉପଖଣ୍ଡ ଅଧିକାରୀ ରୁପାଲି ପ୍ରିୟଦର୍ଶିନୀ, ଏବିଡିଓ ଭଞ୍ଜକିଶୋର ନାୟକ ପ୍ରମୁଖ ଯୋଗଦେଇଥିଲେ। ପୂର୍ବରୁ ଅନ୍‌ଲାଇନ୍ ପୋର୍ଟାଲରେ ଦରଖାସ୍ତ କରିଥିବା ସମସ୍ତ ଭିନ୍ନକ୍ଷମଙ୍କୁ ପରୀକ୍ଷା କରାଯାଇଥିଲା। ଉପଯୁକ୍ତ ଭିନ୍ନକ୍ଷମଙ୍କୁ ସହାୟକ ଉପକରଣ ଯୋଗାଇ ଦିଆଯାଇଥିଲା। ସମସ୍ତ ୧୫ରୁ ୩୫ ବର୍ଷ ଏବଂ ନବମରୁ ଅଧିକ ଶିକ୍ଷାଗତ ଯୋଗ୍ୟତା ଥିବା ଭିନ୍ନକ୍ଷମଙ୍କୁ ସ୍ୱତନ୍ତ୍ର ନିଯୁକ୍ତି ଓ ବୈଷୟିକ ତାଲିମ ନିମନ୍ତେ ଏହି କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଦୃଷ୍ଟିବାଧିତ, ଅସ୍ଥିଶଲ୍ୟ, ଶ୍ରବଣ ବାଧିତ, ମାନସିକ ଅନଗ୍ରସର ଓ ଅନ୍ୟ ରୋଗରେ ପୀଡ଼ିତ ଭିନ୍ନକ୍ଷମଙ୍କୁ ଖୋଲାଯାଇଥିବା ଅସ୍ଥାୟୀ ଷ୍ଟଲରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରଶ୍ମିଦେବୀ ଓ ସହକାରୀ ସାମାଜିକ ସୁରକ୍ଷା ଅଧିକାରୀ ଚୌଧୁରୀ ଦୀପକ କୁମାର ପରିଚାଳନା କରିଥିଲେ।

## ଜାତୀୟ ସୁରକ୍ଷା ସପ୍ତାହ



**ପାରାଦୀପ,୨୨।୩(ସ୍ୱ.ପ୍ର.)**

ପାରାଦୀପ ଏଏମ୍‌ଏନ୍‌ଏସ୍ (ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ) କମ୍ପାନୀ ପରିସରରେ ୫୧ତମ ଜାତୀୟ ସୁରକ୍ଷା ସପ୍ତାହ ମଙ୍ଗଳବାର ପାଳିତ ହୋଇଯାଇଛି। କର୍ମଚାରୀଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷା ପାଇଁ କମ୍ପାନୀ ସର୍ବାଧିକ ପ୍ରାଧାନ୍ୟ ଦେଇଥାଏ ବୋଲି କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ସୁରେଶ ଜୀ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସେଫ୍ଟି ଅଫିସର ସଞ୍ଜୀବ ମୁଦୁଲି ଉପସ୍ଥିତ ଥିଲେ। ଏହି ଅବସରରେ ସମୁଦ୍ର ବେଳାଭୂମିରେ ମିନି ମାରାଥନ କରାଯାଇଥିଲା।

## ୪ ବିଦ୍ୟାଳୟରେ ଲାଗିଲା ସାନିଟାରି ନାପ୍‌କିନ୍ ଭେଣ୍ଡିଂ ମେଶିନ୍

**କୁଜଙ୍ଗ,୨୨।୩(ଡି.ଏନ୍.ଏ.)**

୧୦ରୁ ୧୯ ବର୍ଷ ବାଳିକାମାନଙ୍କ ସ୍ୱଚ୍ଛତା ଓ ପରିଚ୍ଛନ୍ନତା ଉପରେ ଗୁରୁତ୍ୱ ଦେବା ନିମନ୍ତେ ଜେଏସ୍‌ଡବ୍ଲ୍ୟୁ କମ୍ପାନୀ ପକ୍ଷରୁ ବିଭିନ୍ନ ବିଦ୍ୟାଳୟରେ ମଙ୍ଗଳବାର ସାନିଟାରୀ ନାପ୍‌କିନ୍ ଭେଣ୍ଡିଂ ମେଶିନ୍ ପ୍ରଦାନ କରାଯାଇଛି। କମ୍ପାନୀ ପକ୍ଷରୁ ପ୍ରସ୍ତାବିତ ପ୍ରକଳ୍ପ ଅଞ୍ଚଳର ନୂଆଗାଁସ୍ଥିତ କୁଞ୍ଜବିହାରୀ ଉଚ୍ଚ ବିଦ୍ୟାଳୟ ଓ ଗଡ଼କୁଜଙ୍ଗସ୍ଥିତ ଉନ୍ନୀତ ସରକାରୀ ଉଚ୍ଚ ବିଦ୍ୟାଳୟ ସମେତ ପାରାଦୀପ ସହରାଞ୍ଚଳରେ ଥିବା କେନ୍ଦ୍ରୀୟ ବିଦ୍ୟାଳୟ ଓ ଏନ୍‌ଏସି ବାଳିକା ବିଦ୍ୟାଳୟକୁ ଏହି ମେଶିନ ପ୍ରଦାନ କରାଯାଇଛି। ଏହି ୪ ବିଦ୍ୟାଳୟରେ ୫୦୦ରୁ ଊର୍ଦ୍ଧ୍ୱ ବାଳିକା ଅଧ୍ୟୟନରତ ଅଛନ୍ତି। ଏସବୁ ବିଦ୍ୟାଳୟର ଜଣେ ଲେଖାଏଁ ଶିକ୍ଷୟିତ୍ରୀଙ୍କୁ ସାନିଟାରୀ ନାପ୍‌କିନ୍ ଭେଣ୍ଡିଂ ମେଶିନ୍ ଦାୟିତ୍ୱ ଦିଆଯାଇଛି। ଏହି ମେଶିନ୍ ବିଦ୍ୟାଳୟକୁ ଆସିବା ପରେ କିଶୋରୀମାନେ ସେମାନଙ୍କ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହୋଇପାରିବେ ବୋଲି ଶିକ୍ଷୟିତ୍ରୀ, ଶିକ୍ଷକମାନେ କହିଛନ୍ତି।



## ଧବଳେଶ୍ୱର ପୀଠରେ ଲଉଡି ମହୋତ୍ସବ

**ବିରିଡ଼ି,୨୨।୩(ଡି.ଏନ୍.ଏ.)**

ବିରିଡି ବ୍ଲକ ଉକୁନ୍ଦରା ବେହେରାସାହିରେ ଧବଳେଶ୍ୱର ପୀଠରେ ୧୧ତମ ଲଉଡି ମହୋତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବକୁ ଜିଲା ପରିଷଦ ସଭ୍ୟ ଚନ୍ଦ୍ରଶେଖର ଦାଶ ଉଦ୍‌ଘାଟନ କରିଥିଲେ। ସେ କହିଥିଲେ, ରାଧାକୃଷ୍ଣଙ୍କ କଥା ଓ ଗାଥାକୁ ଗୋପାଳ ଭାଇମାନେ ଲଉଡି ବା ଗୋପାଳ ଉଗାଳ ମାଧ୍ୟମରେ ପରିବେଷଣ କରିଥାନ୍ତି। ଏହା ସମାଜରେ ସଂସ୍କାର ଆଣିଥାଏ। ଆଇନଜୀବୀ ରଶ୍ମିକାନ୍ତ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଉକୁନ୍ଦରା ସରପଞ୍ଚ ସରୋଜିନୀ ବାରିକ, ସମିତିସଭ୍ୟା ପ୍ରଜ୍ଞା ପରମିତା ଜେନା ଅତିଥି ଭାବେ ଯୋଗଦେଇଥିଲେ। ମହୋତ୍ସବରେ ଅଞ୍ଚଳର ୬ଟି ଦଳ ଅଂଶଗ୍ରହଣ କରି ଲଉଡି ଖେଳ ପରିବେଷଣ କରିଥିଲେ। ଯାଦବ ସଂଘର ହୃଷୀକେଶ ବେହେରା, ରସାନନ୍ଦ ବେହେରା, ଜଗନ୍ନାଥ ବେହେରା ଏହାକୁ ପରିଚାଳନା କରିଥିଲେ।




# ଅର୍ଥକରୀ ଫସଲ ହିଁ ଚାଷୀଙ୍କୁ ସ୍ୱାବଲମ୍ବୀ କରିବ

**କେନ୍ଦ୍ରାପଡା ଅଫିସ, ୨୨।୩**

- ମେକ୍ ଇନ୍ ରୁରାଲ କେନ୍ଦ୍ରାପଡ଼ା ପାଇଁ ଆହ୍ୱାନ
- ଭିତ୍ତିଭୂମି ସୁଦୃଢ଼ କରି ୫ ବର୍ଷିୟା ଯୋଜନା ହେଉ
- ପରମ୍ପରାଗତ କୃଷି ବିକାଶ ଯୋଜନାରେ ହୋଇନି ସାମିଲ

ଖାଦ୍ୟ ପାଇଁ ଶସ୍ୟ ଉତ୍ପାଦନ କରିବାକୁ ପଡ଼ିବ। ଏଥିପାଇଁ ଜଳ ପରିଚାଳନାର ଯଥେଷ୍ଟ ଗୁରୁତ୍ୱ ଅଛି। ସେହିପରି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା କୃଷିକୁ ଆଗକୁ ନେବ। ତେବେ କୃଷିଭିତ୍ତିକ ଅର୍ଥନୀତିରେ ପରିଚାଳିତ କେନ୍ଦ୍ରାପଡ଼ା ଜିଲାର ଅଧିବାସୀଙ୍କୁ ବାହାର ଜିଲା ଓ ରାଜ୍ୟର ଉତ୍ପାଦକୁ ଅପେକ୍ଷା କରିବାକୁ ପଡୁଛି। କୃଷକଙ୍କ ମେକ୍ ଇନ୍ ରୁରାଲ କେନ୍ଦ୍ରାପଡ଼ାର ସ୍ୱପ୍ନ ସରକାରୀ ଅସହଯୋଗ ପାଇଁ ପୂରଣ ହୋଇପାରୁନାହିଁ। ୨୦୧୫ରୁ ପରମ୍ପରାଗତ କୃଷି ବିକାଶ ଯୋଜନା କେନ୍ଦ୍ର ସରକାର ଆରମ୍ଭ କରିଥିବା ବେଳେ ଜିଲାକୁ ଅଦ୍ୟାବଧି ସାମିଲ କରାଯାଇ ପାରିନାହିଁ। ଜିଲାର ୭ ନଦୀର ଜଳ ସହିତ ଉପଯୁକ୍ତ ବର୍ଷା ଅର୍ଥକରୀ ଫସଲ ପାଇଁ ଉପଯୋଗୀ। ପର୍ଯ୍ୟାପ୍ତ ଚାଷ ଜମି, ମାନବ ସମ୍ବଳ ସତ୍ତ୍ୱେ କୃଷି ଏବେ ସନ୍ତୋଷଜନକ ଉପାର୍ଜନ ଦେଇପାରୁନାହିଁ। କୃଷି ବିଶେଷଜ୍ଞଙ୍କ ଦ୍ୱାରା ଅନୁଧ୍ୟାନ କରି ସାମୂହିକ ଫସଲ ପାଇଁ ୫ ବର୍ଷିୟା ଖସଡା ପ୍ରସ୍ତୁତ ହୋଇପାରିଲେ ଚାଷୀ ସ୍ୱାବଲମ୍ବୀ ହେବ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ଓ ସାମାଜିକ କର୍ମୀ ମତ ଦେଇଛନ୍ତି।

ଏ ସମ୍ପର୍କରେ ଜିଲା ଜନ ଅଧିକାର ମଞ୍ଚର ସଭାପତି ଭୁବନାନନ୍ଦ ଜେନା, ଜିଲା ଜନ ସୁରକ୍ଷା ମଞ୍ଚ ସଭାପତି ଗଣେଶ ଚନ୍ଦ୍ର ସାମଲ, ସାମାଜିକ କର୍ମୀ ସଞ୍ଜୟ କୁମାର ବେହେରା, କ୍ଷୀତିଶ କୁମାର ସିଂହ ପ୍ରମୁଖ କହିଛନ୍ତି, ଜିଲାକୁ କୃଷି ଅର୍ଥ ଦେଉଥିବା ବେଳେ ଏହାର ପରିଚାଳନାରେ ଘୋର ଅଭାବ ଦେଖାଦେଇଛି। ମେକ୍ ଇନ୍ ଇଣ୍ଡିଆ, ମେକ୍ ଇନ୍ ଓଡ଼ିଶା ପରି ଜିଲା ଅର୍ଥନୀତିକୁ ସୁଦୃଢ଼ ପାଇଁ କୃଷି କ୍ଷେତ୍ରରେ ମେକ୍ ଇନ୍ ରୁରାଲ କେନ୍ଦ୍ରାପଡ଼ା ଆହ୍ୱାନ କାର୍ଯ୍ୟକାରୀ ହେବା କଥା। ଅଦ୍ୟାବଧି ସ୍ଥାନୀୟ ରାଜନେତା ଓ ପ୍ରଶାସକ ଏଥିପ୍ରତି ଧ୍ୟାନ ଦେଇନାହାନ୍ତି। ସାମ୍ପ୍ରତିକ ସମୟରେ ଜୈବିକ ଖାଦ୍ୟ ପ୍ରତି ଲୋକଙ୍କ ରୁଚି ବଢୁଛି। କେନ୍ଦ୍ର ସରକାର ମଧ୍ୟ ଗତ ୨୦୧୫ରେ ଜୈବିକ ଚାଷକୁ ଗୁରୁତ୍ୱ ଦେଇ ନ୍ୟାଶନାଲ ମିଶନ ଅନ୍ ସଷ୍ଟେନେବଲ ଏଗ୍ରିକଲଚର (ଏନ୍‌ଏମ୍‌ଏସ୍‌ଏ) ଅଧୀନରେ ପରମ୍ପରାଗତ କୃଷି ବିକାଶ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏହି ଯୋଜନା ଓଡ଼ିଶାର ଅନ୍ୟ ଜିଲାରେ କାର୍ଯ୍ୟକାରୀ ହେଉଥିଲେ ମଧ୍ୟ କେନ୍ଦ୍ରାପଡ଼ାକୁ ସାମିଲ କରାଯାଇନାହିଁ। ଜିଲାରେ ୭ ନଦୀ ଓ ୨୭ ଶାଖା ନାଳ ଅଛି। ପ୍ରତିବର୍ଷ ପ୍ରାୟ ୧୪୦୦ ମିଲିମିଟର ବର୍ଷା ହେଉଛି। ତେବେ ବର୍ଷା ଜଳ ସଂରକ୍ଷଣ ଓ ନଦୀ ନାଳ ଜଳର ପରିଚାଳନା ଚାଷୀଙ୍କ ପାଇଁ ଆତଙ୍କ ସୃଷ୍ଟି କରୁଛି। ବର୍ଷାଦିନେ ଜଳ ନିଷ୍କାସନ ଏକ ସମସ୍ୟା ହୋଇଥିବା ବେଳେ ଜଳ ସେଚନ ପାଇଁ ଜିଲାର ପ୍ରାୟ ୪୦ ହଜାର ହେକ୍ଟର ଜମି ପଡିଆ ପଡୁଛି। ଏହାବ୍ୟତୀତ ଜିଲାର ଚାଷୀ ଧାନ ଫସଲ ମଧ୍ୟରେ ସୀମିତ ରହୁଛନ୍ତି। ଫଳରେ ଆୟ କମୁଛି। ସାମୂହିକ ଭାବେ ଏକ ୫ ବର୍ଷିୟା ଅର୍ଥକରୀ ଫସଲ ପାଇଁ କୃଷି ଗବେଷକଙ୍କ ଏକ କମିଟି ଆବଶ୍ୟକ। ଜିଲାରେ ହେଉଥିବା ପ୍ରାକୃତିକ ବିପର୍ଯ୍ୟୟ, ଜଳସେଚନ ବ୍ୟବସ୍ଥା, ତାଲିମ ସହ ଅର୍ଥକରୀ ଫସଲର ଉତ୍ପାଦନ ଓ ବିକ୍ରିକୁ ନେଇ ସ୍ପଷ୍ଟ ମତ ପ୍ରକାଶ ପାଇଲେ ଜିଲାର କୃଷି ଶିଳ୍ପକୁ ଆଗେଇ ନେଇ ହେବ। ସାମ୍ପ୍ରତିକ ସମୟରେ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଦରମା ସହ ୮ ଏକର ଚାଷ କରୁଥିବା ଚାଷୀର ଆୟ ସମାନ ହେଉ ନ ଥିବାରୁ କୃଷି ପ୍ରତି ଆଗ୍ରହ ପ୍ରକାଶ ପାଉନାହିଁ। ଯୁବବର୍ଗ କୃଷି ଅପେକ୍ଷା କର୍ମନିଯୁକ୍ତି ପାଇଁ ଜିଲା ବାହାରକୁ ଯାଉଥିବା ସେମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଏଡିଏମ୍ ଦୁର୍ଗାଚରଣ ମହାରଣା କହିଛନ୍ତି ଯେ, ଜିଲା କୃଷି ବିଭାଗ ବୈଠକରେ ପାରମ୍ପରିକ ଭାବେ ଆଲୋଚନା ନ ହୋଇ ଆଗାମୀ ଦିନରେ କୃଷି ପ୍ରକଳ୍ପକୁ ଗୁରୁତ୍ୱ ଦିଆଯିବ।


ଜଣେ ଚାଷୀ ଗୋବରୀ ନଦୀରେ ଝୋଟ ପ୍ରସ୍ତୁତ କରୁଛନ୍ତି।

## ଶିଶୁଙ୍କ ଚିକିତ୍ସାରେ ଅର୍ଥ ସାଜିଛି ବାଧକ

**ଆଳି,୨୨।୩(ଡି.ଏନ.ଏ.)**

ରାଜ୍ୟ ସରକାର ଗରିବଙ୍କ ପାଇଁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ ଯୋଗାଇ ଦେଇଛନ୍ତି। ସ୍ୱାସ୍ଥ୍ୟ କାର୍ଡ ନ ଥିବାରୁ ଜଣେ ଦୁଇ ମାସର ଶିଶୁପୁତ୍ରଙ୍କ ଚିକିତ୍ସା ନିମନ୍ତେ ପରିବାର ଲୋକେ ଅସୁବିଧା ଭୋଗୁଛନ୍ତି। ଏଭଳି ଦୃଶ୍ୟ ଆଳି ବ୍ଲକ ସଦର ପଞ୍ଚାୟତ ଦେମାଳରେ ଦେଖିବାକୁ ମିଳିଛି। ବଳରାମ ନାୟକଙ୍କ ଶିଶୁପୁତ୍ର ଗୌରବଙ୍କ ଚିକିତ୍ସାରେ ଏବେ ଅର୍ଥ ବାଧକ ସାଜିଛି। ତାଙ୍କ ପରିବାର କହିଲେ, ସ୍ତ୍ରୀ ବିନି, ମା' ଭାରତୀ, ୬ ବର୍ଷର ପୁଅ କୌଶଭ ଓ ପୁଅ ଗୌରବ। ଜେଜେ ମା' ଭାରତୀ କୁହନ୍ତି, ବୋହୂର ଗର୍ଭରେ ଶିଶୁ ଥିବାବେଳେ ନାଡ଼ ଗୁଡେଇ ହୋଇ ରହିଥିଲା। ଡାକ୍ତର ଅପରେଶନ କରି ତାକୁ ଜନ୍ମ ଦେଇଥିଲେ। ଗୌରବ ଜନ୍ମ ହେବା ପରେ ଠିକ୍ ଭାବେ ନିଃଶ୍ୱାସ ନେବାରେ କଷ୍ଟ ଅନୁଭବ କରିବା ସହ ପେଟ ଫମ୍ପେଇ ରହୁଛି। ବାପା ବଳରାମ ପୁଅକୁ ଆଳି ସ୍ୱାସ୍ଥ୍ୟକେନ୍ଦ୍ରଠାରୁ ଆରମ୍ଭ କରି କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରଙ୍କୁ ଦେଖାଇଥିଲେ ମଧ୍ୟ ଗୌରବଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିନାହିଁ। ବଳରାମ ଦିନ ମଜୁରିଆ ହୋଇଥିବା ବେଳେ ପୁଅଙ୍କ ଚିକିତ୍ସା ନିମନ୍ତେ କେଉଁଠୁ ଅର୍ଥ ଆଣିବେ ସେ ନେଇ ସେ ଚିନ୍ତାରେ ପଡିଛନ୍ତି। ସରକାରଙ୍କ ପକ୍ଷରୁ ତାଙ୍କ ପରିବାରକୁ ରାଶନ କାର୍ଡ ମିଳିଛି କିନ୍ତୁ ସ୍ୱାସ୍ଥ୍ୟ କାର୍ଡ ମିଳିଥିଲେ ଶିଶୁ ପୁତ୍ରଙ୍କ ଚିକିତ୍ସା ସୁବିଧାରେ ହୋଇଥାନ୍ତା ବୋଲି ବଳରାମ କହିଛନ୍ତି। ବିଡିଓ ଦ୍ୱିବେନ୍ଦୁ ଦାସ କହିଛନ୍ତି, ଶିଶୁଟିର ଚିକିତ୍ସା ନିମନ୍ତେ ଜିଲା ସାମାଜିକ ସୁରକ୍ଷା ବିଭାଗ ସମେତ ରେଡ଼କ୍ରସ, ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ସେ ବ୍ୟବସ୍ଥା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।


ଦୁଇମାସର ଶିଶୁପୁତ୍ର ଗୌରବ।

## ସଂକ୍ଷେପରେ

### ଜେଲ ଗଲେ ଦୁଇ ଅଭିଯୁକ୍ତ

**ନୟାଗଡ଼ ଅଫିସ,୨୨।୩:** ନୟାଗଡ଼ ଟାଉନ ଥାନା ପୋଲିସ ସିନ୍ଦୁରିଆ କସ୍ତୁରୀ ମାର୍ଗର ଦୁଇ ବ୍ୟାଟେରୀ ଚୋରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ପରେ କସ୍ତୁରୀ ମାର୍ଗର ତରୁଣ କୁମାର ଦଳେଇ(୨୯) ଓ ବିଦ୍ୟାଧର ନାୟକ(୨୨)ଙ୍କୁ ନୟାଗଡ ସବ୍‌ଜେଲକୁ ପଠାଇ ଦିଆଯାଇଛି । ପୋଲିସ ସୂଚନା ଅନୁସାରେ ରାସ୍ତା କଡରେ ପାର୍କିଂ ହେଉଥିବା ଗାଡ଼ିରୁ ଏହି ଦୁଇ ଜଣ ବ୍ୟାଟେରୀ ଚୋରି କରୁଥିଲେ ।

### ଡକାୟତ ଜେଲ ଗଲେ

**ନୟାଗଡ଼ ଅଫିସ,୨୨।୩:** ନୟାଗଡ଼ ସଦର ଥାନା ପୋଲିସ ଶିମଳିସାହିର ସଞ୍ଜୟ ନାୟକ ଓରଫ ପାଣ୍ଡା(୨୬) ନାମକ ଜଣେ ଦୁର୍ଦ୍ଧାନ୍ତ ଡକାୟତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ପାଣ୍ଡାଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି । ପାଣ୍ଡାଙ୍କ ନାମରେ ନୟାଗଡ଼ ଜିଲାର ରଣପୁର ଥାନା ଓ କଟକ ଜିଲାର ବାଙ୍କୀ ଥାନାରେ ଏକାଧିକ ଡକାୟତି ମାମଲା ରହିଛି । ପାଣ୍ଡାଙ୍କୁ ଗିରଫ ପାଇଁ କୋର୍ଟ ପକ୍ଷରୁ ୱାରେଣ୍ଟି ଜାରି ହୋଇଥିଲା ।

### ତ୍ରିନାଥଙ୍କ ଜନ୍ମ ମହୋତ୍ସବ

**ନୟାଗଡ଼ ଅଫିସ,୨୨।୩:** ଗଣିଆ ବ୍ଲକର ପୂର୍ଣ୍ଣଚନ୍ଦ୍ରପୁରରେ ତ୍ରିନାଥ ଠାକୁରଙ୍କ ଜନ୍ମ ମହୋତ୍ସବ ପାଳିତ ହୋଇଯାଇଛି । ଏହି ଅବସରରେ ମ୍ୟୁଜିକ ଚେୟାର, ମ୍ୟୁଜିକ ଡ୍ୟାନ୍ସ, ସଙ୍ଗୀତ ଓ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ସରପଞ୍ଚ ଗୀତାରାଣୀ ବେହେରା ମୁଖ୍ୟଅତିଥି ରୂପେ ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ ।

### ଶ୍ରୀରାମ ଚରିତ ମାନସ ପାରାୟଣ ଉଦ୍‌ଯାପିତ

**ଖଣ୍ଡପଡ଼ା,୨୨।୩(ସ୍ୱ.ପ୍ର.):** ଖଣ୍ଡପଡ଼ା ସହର ପଶ୍ଚିମମୁଖା ହନୁମାନଙ୍କ ପୀଠରେ ଚାଲିଥିବା ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ମହାଯଜ୍ଞର ପୂର୍ଣ୍ଣାହୁତି ହୋଇଛି । ଏହି ଅବସରରେ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ସହ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ପୁରୋଧା ପଣ୍ଡିତ ଦୀପକ ଆଚାର୍ଯ୍ୟ, ବ୍ୟାସ ସନ୍ଥ ସୂର୍ଯ୍ୟନାରାୟଣ ଦାସଜୀ ମହାରାଜ ଓ କର୍ତ୍ତା ଭାବେ କିଶୋର ଚନ୍ଦ୍ର ଦାସ ଦାୟିତ୍ୱ ତୁଲାଇଥିଲେ । ପ୍ରତିଦିନ ସନ୍ଧ୍ୟାରେ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ପ୍ରଚାର ଶେଷ, ଏଥର ଭୋଟ ପ୍ରସ୍ତୁତି

**ନୟାଗଡ଼ ଅଫିସ, ୨୨।୩**

ପୌର ନିର୍ବାଚନ ପାଇଁ ମଙ୍ଗଳବାର ପ୍ରଚାର ଶେଷ ହୋଇଛି । ୨୪ରେ ଭୋଟ ଗ୍ରହଣ ହେବ। ସେଥିପାଇଁ ଜିଲା ପ୍ରଶାସନଠାରୁ ଆରମ୍ଭ କରି ପ୍ରାର୍ଥୀ ଓ ନେତାମାନେ ପ୍ରସ୍ତୁତ ହେଉଛନ୍ତି । ଆଉ ମାତ୍ର ଗୋଟିଏ ଦିନ ହାତରେ ଥିବାରୁ ପ୍ରାର୍ଥୀମାନେ ନିଜର ଅଳ୍ପ ସଂଖ୍ୟକ ସମର୍ଥକଙ୍କୁ ଧରି ଅତି ଗୋପନୀୟ ଭାବେ ଭୋଟରଙ୍କୁ ଭେଟୁଥିବା ସୂଚନା ମିଳିଛି । ଭୋଟ ଗ୍ରହଣର ପୂର୍ବରାତି ପ୍ରାର୍ଥୀମାନଙ୍କ ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ ବୋଲି ପୂର୍ବରୁ ବିଶ୍ୱାସ ରହିଛି । ଏହି ପରିପେକ୍ଷୀରେ ପ୍ରାର୍ଥୀମାନେ ସେହି ସୁଯୋଗକୁ ହାତଛଡ଼ା କରିବାକୁ ପ୍ରସ୍ତୁତ ନାହାନ୍ତି । ଅନ୍ୟପକ୍ଷେ ନୟାଗଡ଼ ମ୍ୟୁନିସିପାଲିଟି, ଦଶପଲ୍ଲା, ରଣପୁର ଓ ଖଣ୍ଡପଡ଼ା ଏନଏସିରେ ଭୋଟ ଗ୍ରହଣ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି । ଏହି ୪ ସହରାଞ୍ଚଳର ୬୦ଟି ୱାର୍ଡରେ ୭୫ ବୁଥ୍ ରହିଛି । ସେଥିମଧ୍ୟରୁ ୨୨ବୁଥ୍ ଉତ୍ତେଜନା ପ୍ରବଣ ବୋଲି ଚିହ୍ନଟ ହୋଇଛି। ପଞ୍ଚାୟତ ନିର୍ବାଚନ ପରି ୪ ସହରାଞ୍ଚଳରେ ୬ ମଡେଲ ବୁଥ୍ ଓ ୭ ପିଙ୍କ୍ ବୁଥ୍ ରହିଛି ।

ନୟାଗଡ଼ ମ୍ୟୁନିସିପାଲିଟିରେ ୧୬ଟି ୱାର୍ଡରୁ ୧୫ ୱାର୍ଡରେ କାଉନସିଲର ପଦବୀ ପାଇଁ ନିର୍ବାଚନ ହେବ । ୫ନଂ. ୱାର୍ଡରେ କାଉନସିଲର ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବାରୁ ସେଠାରେ କେବଳ ଅଧକ୍ଷ ପଦବୀ ପାଇଁ ନିର୍ବାଚନ ହେବ । ଏଣୁ ୧୫ଟି ୱାର୍ଡ ପାଇଁ ୩୭ ପ୍ରାର୍ଥୀଙ୍କ ମଧ୍ୟରୁ ବିଜେଡିର ୧୫, ଭାଜପାର ୧୫ , କଂଗ୍ରେସର ୮ ପ୍ରାର୍ଥୀ ଅଛନ୍ତି। ସେହିପରି ୪ଜଣ ଅଧକ୍ଷ ପ୍ରାର୍ଥୀ ଅଛନ୍ତି । ଏଣୁ ନୟାଗଡ଼ ମ୍ୟୁନିସିପାଲିଟିରେ ୧୮ ହଜାର ୨୩୭ ଭୋଟର ୪୧ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ । ୱାର୍ଡ ନଂ. ୧ରେ ୧୬୫୯ ଭୋଟର ୨ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ । ସେହିପରି ୨ ନଂ. ୱାର୍ଡରେ ୯୪୩ ଭୋଟର ୩ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ୱାର୍ଡ ନଂ. ୩ରେ ୧୨୮୧ ଭୋଟର ୩ ପ୍ରାର୍ଥୀଙ୍କ , ୱାର୍ଡ ନଂ. ୪ରେ ୧୫୬୪ଭୋଟର ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ । ୱାର୍ଡ ନଂ.୬ରେ ୩ ପ୍ରାର୍ଥୀଙ୍କ ୭୭୪ ଭୋଟର, ୱାର୍ଡ ନଂ. ୭ରେ ୩ ପ୍ରାର୍ଥୀଙ୍କ ୧୧୯୩ ଭୋଟର ଭାଗ୍ୟ ପରୀକ୍ଷା କରିବେ । ୱାର୍ଡ ନଂ. ୮ରେ ୧୦୯୫ ଭୋଟର ୨ଜଣଙ୍କ, ୱାର୍ଡ ନଂ. ୯ରେ ୭୫୬ ଭୋଟର ୨ଜଣଙ୍କ, ୱାର୍ଡ ନଂ. ୧୦ରେ ୭୭୩ ଭୋଟର ୩ଜଣଙ୍କ, ୱାର୍ଡ ନଂ. ୧୧ରେ ୪୦୦ଭୋଟର ୩ଜଣଙ୍କ, ୱାର୍ଡ ନଂ. ୧୨ରେ ୧୬୨୮ଭୋଟର ୨ଜଣଙ୍କ, ୱାର୍ଡ ନଂ. ୧୩ରେ ୭୮୦ଭୋଟର ୨ଜଣଙ୍କ, ୱାର୍ଡ ନଂ. ୧୪ରେ ୧୩୭୧ଭୋଟର ୩ଜଣଙ୍କ, ୱାର୍ଡ ନଂ. ୧୫ରେ ୧୫୯୦ ଭୋଟର ୨ଜଣଙ୍କ, ୱାର୍ଡ ନଂ. ୧୬ରେ ୧୬୯୯ ଭୋଟର ୩ଜଣ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ।

**ପୌର ନିର୍ବାଚନ**
- ୪ସହରାଞ୍ଚଳରେ ୬୦ ବୁଥ୍
- ୨୨ ଉତ୍ତେଜନା ପ୍ରବଣ
- ୬ ମଡେଲ, ୭ ପିଙ୍କ୍

### ହୋର୍ଡିଂ,ବ୍ୟାନର ଚିରାକୁ ନେଇ ଅଭିଯୋଗ

**ଖଣ୍ଡପଡ଼ା,୨୨।୩(ସ୍ୱ.ପ୍ର.)**

ଖଣ୍ଡପଡ଼ା ପୌର ନିର୍ବାଚନ ରାଜନୀତି ସରଗରମ ରହିଛି । ବିଭିନ୍ନ ଦଳର ପ୍ରାର୍ଥୀ ଓ ସେମାନଙ୍କ ସମର୍ଥକମାନେ ନିର୍ବାଚନକୁ ଆଖି ଆଗରେ ରଖି ଅଭିଯୋଗ ଓ ପ୍ରତି ଅଭିଯୋଗ କରୁଛନ୍ତି । ଇତିମଧ୍ୟରେ ଜଣେ ସ୍ୱାଧୀନ ପ୍ରାର୍ଥୀଙ୍କ ହୋର୍ଡିଂ ଓ ବ୍ୟାନରକୁ କେହି ଚିରି ଦେଇଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ସୂଚନା ଅନୁଯାୟୀ, ଖଣ୍ଡପଡ଼ା ପୌର ନିର୍ବାଚନରେ ଅଧକ୍ଷା ପଦବୀ ପାଇଁ ମଇଦାନକୁ ଓହ୍ଲାଇଥିବା ସ୍ୱାଧୀନ ପ୍ରାର୍ଥିନୀ ବିନୋଦିନୀ ମହାନ୍ତିଙ୍କ ହୋର୍ଡିଂ ଓ ବ୍ୟାନରକୁ ସୋମବାର ବିଳମ୍ବିତ ରାତିରେ କେହି ଚିରି ଦେଇଛନ୍ତି । ମଙ୍ଗଳବାର ସକାଳୁ ଏ କଥା ଜଣାପଡ଼ିବା ପରେ ପ୍ରାର୍ଥିନୀ ମହାନ୍ତି ଏ ସମ୍ପର୍କରେ ପୌର ନିର୍ବାଚନ ଅଧିକାରୀ,ପୋଲିସ ପ୍ରଶାସନ ଓ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି ।

# ସଂରକ୍ଷିତ ଜଙ୍ଗଲରେ ପାଣି ପାଇଁ ହାହାକାର

**ଖଣ୍ଡପଡ଼ା,୨୨।୩(ସ୍ୱ.ପ୍ର.)**

**ଗ୍ରୀଷ୍ମ ଆରମ୍ଭରୁ ଡହଳବିକଳ ବନ୍ୟଜନ୍ତୁ**

ଖଣ୍ଡପଡ଼ା ବନାଞ୍ଚଳ ଅଧୀନ ସଂରକ୍ଷିତ ଜଙ୍ଗଲରେ ଜଳର ଅଭାବ ଯୋଗୁ ବନ୍ୟଜନ୍ତୁମାନେ ଡହଳବିକଳ ହେଉଛନ୍ତି। ଗ୍ରୀଷ୍ମଋତୁ ଆରମ୍ଭରୁ ଏହି ପରିସ୍ଥିତି ସୃଷ୍ଟି ହୋଇଛି । ଫଳରେ ବନ୍ୟଜନ୍ତୁମାନେ ପାଣି ପାଇଁ ଜଙ୍ଗଲ ନିକଟସ୍ଥ ଜନବସତିକୁ ଚାଲି ଆସୁଥିବା ନଜିର ରହିଛି । ଗତ ୧ମାସ ମଧ୍ୟରେ ଗୋଟିଏ କୁଟୁରା ଛୁଆ, ୨ ହରିଣ ଓ ଗୋଟିଏ ବାର୍ହା ଛୁଆ ଜଙ୍ଗଲ ପାଦଦେଶରେ ଥିବା ଗାଁକୁ ଚାଲି ଆସିଥିଲେ । ସେହି ନିରୀହ ପ୍ରାଣୀମାନେ ଗାଁ ଲୋକଙ୍କ ହାତରେ ଧରାପଡିଥିଲେ। ପରେ ବନ ବିଭାଗ ସହାୟତାରେ ସେହି ପ୍ରାଣୀମାନଙ୍କୁ ଜଙ୍ଗଲରେ ଛାଡ଼ି ଦିଆଯାଇଥିଲା । ହେଲେ ଜଙ୍ଗଲରେ ପାଣି ପାଇଁ କୌଣସି ବ୍ୟବସ୍ଥା ହୋଇ ନ ଥିବା ଅଭିଯୋଗ ହୋଇଛି ।

ସୂଚନା ଅନୁଯାୟୀ, ଖଣ୍ଡପଡ଼ା ବ୍ଲକ ସିଂଘାପଡ଼ା ପଞ୍ଚାୟତର ରୁପାପଲ୍ଲୀ ଗ୍ରାମ ନିକଟରୁ ଗତ ୨ତାରିଖରେ ଏକ କୁଟୁରା ଛୁଆକୁ ସ୍ଥାନୀୟ ବାସିନ୍ଦା ଉଦ୍ଧାର କରି ବନବିଭାଗ କର୍ମଚାରୀଙ୍କୁ ହସ୍ତାନ୍ତର କରିଥିଲେ । ଗତ ୧୨ ତାରିଖରେ ବେଣାଗାଡ଼ିଆ ପଞ୍ଚାୟତର ପଥରଦ୍ୱାର ଗ୍ରାମକୁ ନିକଟସ୍ଥ ସଂରକ୍ଷିତ ଜଙ୍ଗଲରୁ ୨ଟି ହରିଣ ଚାଲି ଆସିଥିଲେ । ସେମାନଙ୍କ ମଧ୍ୟରୁ ଗୋଟିଏ ହରିଣକୁ ଗ୍ରାମବାସୀ ଉଦ୍ଧାର କରି ବନବିଭାଗ କର୍ମଚାରୀଙ୍କୁ ଦେଇଥିଲେ । ଅନ୍ୟ ହରିଣ କୁଆଡ଼େ ଗଲା ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ସେହିପରି ଗତ ୨୧ ତାରିଖ ସକାଳେ ନିକଟସ୍ଥ ବୋଦସା ଗ୍ରାମରୁ ଏକ ବାର୍ହା ଛୁଆ ଉଦ୍ଧାର କରାଯାଇଥିଲା ।

ସୂଚନାଯୋଗ୍ୟ, ଗତ ୩ ମାସ ତଳେ ସୁନାମୁହିଁ ପ୍ରକଳ୍ପ ନିକଟକୁ ପାଣି ପିଇବାକୁ ଚାଲି ଆସିଥିବା ଏକ ବାର୍ହା ହାଇୱା ଧକ୍କାରେ ଆହତ ହୋଇଥିଲା । ଉକ୍ତ ଘଟଣାର କିଛି ଘଣ୍ଟା ପରେ ସେହି ବାର୍ହାର ମୃତ୍ୟୁ ଘଟିଥିଲା । ଏହାପରେ ବି ବିଭାଗୀୟ କର୍ତ୍ତୃପକ୍ଷ ବନ୍ୟଜନ୍ତୁଙ୍କ ସୁରକ୍ଷା ଦିଗରେ ସେଭଳି କୌଣସି ପଦକ୍ଷେପ ଗ୍ରହଣ କରି ନ ଥିବା ଅଭିଯୋଗ ହୋଇଛି। ସଂରକ୍ଷିତ ଜଙ୍ଗଲ ଜମିରେ ବନ ବିଭାଗ ପକ୍ଷରୁ ବନ୍ୟଜନ୍ତୁଙ୍କ ଉଦ୍ଦେଶ୍ୟରେ ଖନନ କରାଯାଇଥିବା ପୋଖରୀ ଓ ଜଳଉତ୍ସ ଏବେ ଶୁଖିଲା ପଡ଼ିଛି । ଫଳରେ ତୃଣଭୋଜି ବନ୍ୟପ୍ରାଣୀ ପାଣି ପିଇବା ପାଇଁ ଜଳଉତ୍ସ ଖୋଜି ଖୋଜି ଜନବସତି ଆଡ଼କୁ ଚାଲି ଆସୁଛନ୍ତି । ଫଳରେ ସେମାନେ ନାନା ସମସ୍ୟାର ସମ୍ମୁଖୀନ ହେବା ସହିତ ଅଧିକାଂଶ ସମୟରେ ମୃତ୍ୟୁ ମୁଖରେ ପଡୁଛନ୍ତି । ଏହାକୁ ନେଇ ପରିବେଶବିତ୍ ଓ ପଶୁପ୍ରେମୀମାନେ ଉଦ୍‌ବେଗ ପ୍ରକାଶ କରୁଛନ୍ତି । ତେଣୁ ବନ୍ୟଜନ୍ତୁ ସୁରକ୍ଷାକୁ ଦୃଷ୍ଟିରେ ରଖି ବନବିଭାଗ ଏଦିଗରେ ଦୃଷ୍ଟିଦେବାକୁ ଖଣ୍ଡପଡ଼ା ଅଞ୍ଚଳବାସୀ ଦାବି କରିଛନ୍ତି । ନୟାଗଡ଼ ବନଖଣ୍ଡ ଅଧିକାରୀ ଓ ଖଣ୍ଡପଡ଼ା ବନାଞ୍ଚଳ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।



ଗ୍ରାମବାସୀଙ୍କ ଦ୍ୱାରା ଉଦ୍ଧାର ହୋଇଥିବା ବନ୍ୟଜନ୍ତୁ।

# ମହିଳା ମହାବିଦ୍ୟାଳୟରେ ବନ ଦିବସ



ବନ ଦିବସ ସଭାରେ ମଞ୍ଚାସୀନ ଅତିଥି।

**ଦଶପଲ୍ଲା,୨୨।୩(ଡି.ଏନ.ଏ.)**

ବୁଧବାର ଦଶପଲ୍ଲାର ଥିବା କୃଷ୍ଣପ୍ରିୟା ଦେବୀ ମହିଳା ମହାବିଦ୍ୟାଳୟ ପରିସରରେ ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଛାତ୍ରୀମାନଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଜଙ୍ଗଲ ଓ ପରିବେଶ ସୁରକ୍ଷା ଉପରେ ପ୍ରତିଯୋଗିତା କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ +୨ ଅଧକ୍ଷା ପୂର୍ଣ୍ଣମାସୀ ଦେବୀ, +୩ ଅଧକ୍ଷା ଦୁର୍ଗାବତୀ ଆଚାର୍ଯ୍ୟ,ପରିବେଶବିତ୍ ପ୍ରସନ୍ନ କୁମାର ପଣ୍ଡା, ଆଇନଜୀବୀ ଶରତ ଚନ୍ଦ୍ର ବେହେରା,ପ୍ରମୋଦ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଅତିଥିମାନେ ବନସୁରକ୍ଷା ଉପରେ ନିଜ ନିଜର ବକ୍ତବ୍ୟ ରଖିଥିଲେ । ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା ।

# ଗୁମୁରି କାନ୍ଦୁଛନ୍ତି ମାନସଙ୍କ ଜେଜେମା'

**ନୟାଗଡ଼ ଅଫିସ/ରଣପୁର, ୨୨।୩(ସ୍ୱ.ପ୍ର.)**

ମଙ୍ଗଳବାର ଥିଲା ମାନସଙ୍କ ଏକାଦଶାହ। ନୟାଗଡ଼ ଜିଲା ରଣପୁର ଥାନା ମଝିଆଖଣ୍ଡ ଗୋଡ଼ିପୋଖରୀ ଗାଁରେ ଏଥିପାଇଁ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ମାନସ ଥିଲେ ତାଙ୍କ ପରିବାର ପାଇଁ ଏକମାତ୍ର ରୋଜଗାରିଆ ପୁଅ। ମାନସ ଚାଲିଗଲା ପରେ ପରିବାରରୁ ହସ,ଖୁସି ଉଭେଇ ଯାଇଛି। ଘରେ ଚୁଲି ଜଳୁନି। ମାନସଙ୍କ ଜେଜେମା ପଞ୍ଚୁ ସ୍ୱାଇଁ ଏ କଥା ମନେ ପକାଇ ଗୁମୁରି ଗୁମୁରି କାନ୍ଦୁଛନ୍ତି। ସାମାନ୍ୟ ମୋମେରିଚିପ୍ ପାଇଁ କ'ଣ ମୋ ନାତିକୁ ହତ୍ୟା କରିବା ଜରୁରୀ ଥିଲା। ଘରେ ଆସି କହିଥିଲେ ଆମେ କ'ଣ ମେମୋରିଚିପ୍ ଦେଇପାରି ନ ଥାନ୍ତୁ। ହତ୍ୟାକାରୀଙ୍କୁ ଗିରଫ କରି ଫାଶୀ ଦିଆଯାଉ ବୋଲି ସେ ବାହୁନି ବାହୁନି କହୁଥିଲେ। ମାନସ ହତ୍ୟାକୁ ନେଇ ଗାଁ ସାରା ବିଷାଦର ଛାୟା। କାହା ମନରେ ଖୁସି ନାହିଁ। ଫେବୃୟାରୀ ୭ରେ ମାନସ ନିଖୋଜ ହୋଇଯାଇଥିଲେ। ବିଭିନ୍ନ ସ୍ଥାନ ଖୋଜିବା ପରେ ତାଙ୍କର କୌଣସି ଟେର୍ ନ ମିଳିବାରୁ ସେହି ମାସ ୧୪ରେ ଭଦ୍ରକ ଜିଲା ଚାନ୍ଦବାଲି ଥାନାରେ ପରିବାର ପକ୍ଷରୁ ଅଭିଯୋଗ କରାଯାଇଥିଲା। ମାର୍ଚ୍ଚ ୧୨ରେ ମାନସଙ୍କ ମୃତଦେହ ରଣପୁର ଥାନା ରାଜସୁନାଖଳା ଫାଣ୍ଡିର ନରେନ୍ଦ୍ରପୁର ବଧିପାଟଣା ଜଙ୍ଗଲରୁ ଜବତ କରାଯାଇଥିଲା। ମାନସଙ୍କୁ ଭଦ୍ରକରୁ ଅପହରଣ କରାଯାଇ ଭୁବନେଶ୍ୱର ଅଣାଯାଇଥିଲା। ଏହାପରେ ତାଙ୍କୁ ହତ୍ୟା କରାଯାଇ ମୃତଦେହକୁ ରଣପୁର ଥାନା ଅଞ୍ଚଳରେ ପୋତି ଦିଆଯାଇଥିଲା।

# ମହିପୁର-ନୂଆଗାଁ ରେଳପଥ ନିର୍ମାଣ କାର୍ଯ୍ୟ ଶେଷ




- ସିଆରଏସ୍‌ଙ୍କ ଯାଞ୍ଚ ପରେ ଗଡ଼ିବ ଟ୍ରେନ
- ଆଜି ନୟାଗଡ଼ ଟାଉନ-ଭୁବନେଶ୍ୱର ଏକ୍ସପ୍ରେସ ବାତିଲ

**ନୟାଗଡ ଅଫିସ/ନୂଆଗାଁ (ଡି.ଏନ.ଏ.)୨୨।୩**

ଖୋର୍ଦ୍ଧାରୋଡ(ଜଟଣୀ) ବଲାଙ୍ଗୀର ରେଳ ପ୍ରକଳ୍ପର ମହିପୁର ନୂଆଗାଁ ମଧ୍ୟରେ ରେଳପଥର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ଏଥିସହ ଟ୍ରେନ ଯାତାୟତ ସୁବିଧା ପାଇଁ ଖୋର୍ଦ୍ଧାରୋଡଠାରେ ବାଇପାସ୍ ଲାଇନ୍‌ର ନିର୍ମାଣ କାର୍ଯ୍ୟ ଅନୁରୂପ ଭାବେ ଶେଷ ହୋଇଛି । ରେଳପଥ କାର୍ଯ୍ୟକ୍ଷମ ପୂର୍ବରୁ ରେଳ ସୁରକ୍ଷା ଆୟୁକ୍ତ (ସିଆରଏସ୍)ଙ୍କ ଅନୁମୋଦନକୁ ଅପେକ୍ଷା କରାଯାଇଛି। କୋଲକତାସ୍ଥିତ ଦକ୍ଷିଣ ପୂର୍ବ ସର୍କଲ ରେଳ ସୁରକ୍ଷା ଆୟୁକ୍ତ ମହିପୁରଠାରୁ ନୂଆଗାଁ ୧୩. ୨୫୦ କି.ମି.ରେଳ ଲାଇନର ସୁରକ୍ଷା କାର୍ଯ୍ୟ ଯାଞ୍ଚ କରିବେ । ଯାଞ୍ଚ ପରେ ସେହି ରେଳପଥରେ ଟ୍ରେନ ଚଳାଚଳ କଲେ କିଛି ଅସୁବିଧା ନାହିଁ ବୋଲି ଅନୁମତି ମିଳିବା ପରେ ରେଳ ଚଳାଚଳ କରିବ । ୨୩ରେ ରେଳପଥର ଯାଞ୍ଚକୁ ଆଖି ଆଗରେ ରଖି ୧୮୪୨୪ ନୟାଗଡ଼ ଟାଉନ-ଭୁବନେଶ୍ୱର ଏକ୍ସପ୍ରେସକୁ ବାତିଲ କରାଯାଇଛି ବୋଲି ରେଳ ବିଭାଗ ପକ୍ଷରୁ କୁହାଯାଇଛି । ଅନ୍ୟପକ୍ଷେ ୨୪ରେ ରେଳ ସୁରକ୍ଷା ଆୟୁକ୍ତଙ୍କ ଦ୍ୱାରା ଖୋର୍ଦ୍ଧାରୋଡ ଠାରେ ବାଇପାସ୍ ଲାଇନର ସୁରକ୍ଷା କାର୍ଯ୍ୟ ମଧ୍ୟ ଅନୁରୂପ ଭାବେ ଯାଞ୍ଚ ହେବ ।




# ଦ୍ୱିତୀୟ ପର୍ଯ୍ୟାୟ ରଥକାଠ ପୁରୀ ଗଲା

**ନୟାଗଡ଼ ଅଫିସ/ଦଶପଲ୍ଲା, ୨୨।୩(ଡି.ଏନ.ଏ.)**

ବିଶ୍ୱ ପ୍ରସିଦ୍ଧ ଶ୍ରୀକ୍ଷେତ୍ର ରଥଯାତ୍ରା ପାଇଁ ନୟାଗଡ଼ ଜିଲା ଦଶପଲ୍ଲାରୁ ୨ୟ ପର୍ଯ୍ୟାୟ କାଠ ବୁଧବାର ପୁରୀ ପଠାଯାଇଛି । ଏଥିରେ ଅସନ ୨୦ ଫୁଟ୍‌ର ୫ ଖଣ୍ଡ ଓ ଧଉରା ୨୦ ଫୁଟ୍‌ର ୧୩ଖଣ୍ଡ ଏପରି ୧୮ ଖଣ୍ଡ କାଠ ପୁରୀ ରଥଖଳାକୁ ଯାଇଛି । ସେହିଭଳି ୨୦ଫୁଟ୍‌ର ଅସନ ୧୧ଖଣ୍ଡ ଏବଂ ୧୨ଫୁଟ୍ ଲମ୍ବ ଧଉରା ୫ଖଣ୍ଡ କାଠ ଚିରାହେବା ପାଇଁ କଟକସ୍ଥିତ ଖପୁରିଆ ସମିଲ୍‌କୁ ପଠାଯାଇଛି । କାଠଗୁଡିକ ପୋଖରୀଗୋଛା ସଂରକ୍ଷିତ ଜଙ୍ଗଲରୁ ସଂଗ୍ରହ କରାଯାଇ ୨ଟି ଟ୍ରକରେ ପୁରୀ ଓ କଟକ ପଠା ଯାଇଥିବା ଦଶପଲ୍ଲା ରେଞ୍ଜ ଅଫିସର ଅଖିଳେଶ ମଲ୍ଲିକ ସୂଚନା ଦେଇଛନ୍ତି । ପରବର୍ତ୍ତୀ ସମୟରେ ଆବଶ୍ୟକ କିସମର କାଠ ମଧ୍ୟ ଯୋଗାଇ ଦିଆଯିବା ପାଇଁ ବନବିଭାଗ ପ୍ରସ୍ତୁତ ଥିବା ବିଭାଗୀୟ ଅଧିକାରୀମାନେ ସୂଚନା ଦେଇଛନ୍ତି ।



ଟ୍ରକ୍‌ରେ ପୁରୀ ଯାଉଥିବା ରଥକାଠ।

# ସ୍କୁଲ ବାରଣ୍ଡାରେ ଚାଲିଛି ଅଙ୍ଗନୱାଡ଼ି କେନ୍ଦ୍ର

**ନୂଆଗାଁ,୨୨।୩(ଡି.ଏନ.ଏ.)**

- ଅନୁଦାନ ଅଛି, ନିର୍ମାଣ ହୋଇପାରୁନି କୋଠା
- ବିଡିଓ କହିଲେ ଗ୍ରାମବାସୀଙ୍କ ସହଯୋଗ ମିଳୁନି

ଅନୁଦାନ ଆସିଛି ହେଲେ ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ ହୋଇପାରୁନାହିଁ । ଫଳରେ ସ୍କୁଲ ବାରଣ୍ଡାରେ ଚାଲିଛି କେନ୍ଦ୍ର । ଏଥିସହିତ ଉକ୍ତ କେନ୍ଦ୍ର ପକ୍ଷରୁ ପ୍ରତିଦିନ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମ ସେହି ସ୍କୁଲ ବାରଣ୍ଡାରେ ହିଁ ଚାଲିଛି । ମଙ୍ଗଳବାର ମମତା ଦିବସ ମଧ୍ୟ ସ୍କୁଲ ବାରଣ୍ଡାରେ ପାଳିତ ହୋଇଛି । ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଗୋହିରିବାଦୁ ଗ୍ରାମରେ ଥିବା ଏକ ଅଙ୍ଗନୱାଡ଼ି କେନ୍ଦ୍ର ନାନା ଅବ୍ୟବସ୍ଥା ମଧ୍ୟରେ ଚାଲିଛି । ଗ୍ରାମର ଶିଶୁମାନଙ୍କୁ ଶିକ୍ଷା,ସ୍ୱାସ୍ଥ୍ୟ ପ୍ରତି ଦୃଷ୍ଟି ଦେବା, ଗର୍ଭବତୀ , ପ୍ରସୂତୀ ମହିଳାମାନଙ୍କ ଦାୟିତ୍ୱ ନେବା ଉଦ୍ଦେଶ୍ୟରେ ୨୦୦୪ରେ ଉକ୍ତ ଗ୍ରାମରେ ଅଙ୍ଗନୱାଡି କେନ୍ଦ୍ର ପ୍ରତିଷ୍ଠା କରାଯାଇଥିଲା । ଚଳିତ ବର୍ଷ ଉକ୍ତ କେନ୍ଦ୍ର ପ୍ରି-ସ୍କୁଲରେ ୧୮ ଜଣ ଶିଶୁ , ୭ ମାସରୁ ୩ ବର୍ଷର ୧୯ ଜଣ ଶିଶୁ , ୪ ଜଣ ଗର୍ଭବତୀ ଓ ୨ ପ୍ରସୂତି ମହିଳା ରହିଛନ୍ତି। କିନ୍ତୁ ସେମାନଙ୍କ ପାଇଁ ନିଜସ୍ୱ ଗୃହ ନ ଥିବାରୁ ଗୋହିରିବାଦୁଠାରେ ଥିବା ଆଶ୍ରମ ସ୍କୁଲ ବାରଣ୍ଡାରେ ଏହି କେନ୍ଦ୍ର ଚାଲିଛି । ଗ୍ରାମବାସୀ ଏ ସଂକ୍ରାନ୍ତରେ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ୨୦୧୭-୧୮ରେ ସରକାରଙ୍କ ତରଫରୁ ୫ ଲକ୍ଷ ଟଙ୍କାର ଅନୁଦାନ ମିଳିଥିଲା। ୨ ବର୍ଷ ତଳେ କୋଠା ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଥିଲା । ହେଲେ ବ୍ଲକ ପ୍ରଶାସନ ଆଜି ପର୍ଯ୍ୟନ୍ତ ସେଥିପାଇଁ ପଦକ୍ଷେପ ଗ୍ରହଣ କରିନାହାନ୍ତି । ଫଳରେ ଶିଶୁମାନଙ୍କୁ ପାଠ ପଢାଇବା , ମମତା ଦିବସ ପାଳନ କରିବା , ଟିକାକରଣ ଆଦି କାର୍ଯ୍ୟ ନାନା ଅସୁବିଧାରେ କରାଯାଉଥିବା ଗୋହିରିବାଦୁ ଅଙ୍ଗନୱାଡି କେନ୍ଦ୍ରର କର୍ମୀ ଜ୍ୟୋତ୍ସ୍ନାରାଣୀ ସାହୁ କହିଛନ୍ତି । ଗୃହ ନିର୍ମାଣ ପାଇଁ ବାରମ୍ବାର ନେହୁରା ହେଉଥିଲେ ମଧ୍ୟ ଆମ କଥା କେହି ଶୁଣୁ ନାହାନ୍ତି ବୋଲି ସେ ସୂଚନା ଦେଇଛନ୍ତି।

କେବଳ ଗୋହିରିବାଦୁ ଗ୍ରାମରେ ନୁହେଁ, ନୂଆଗାଁ ବ୍ଲକରେ ୨୨ ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ । ବ୍ଲକରେ ମୋଟ ୧୬୮ ଅଙ୍ଗନୱାଡି କେନ୍ଦ୍ର ଅଛି । ସେଥିମଧ୍ୟରୁ ୧୦୪ କେନ୍ଦ୍ରର ନିଜସ୍ୱ ଗୃହ ଅଛି । ସରକାର ଅନୁଦାନ ଦେଉଥିଲେ ମଧ୍ୟ ବ୍ଲକ ପ୍ରଶାସନ ହାତବାନ୍ଧି ବସିଥିବା ଅଭିଯୋଗ ହୋଇଛି । ନୂଆଗାଁ ସଦର ମହକୁମାଠାରେ ଅଙ୍ଗନୱାଡି କେନ୍ଦ୍ରର ନିର୍ମାଣ କାର୍ଯ୍ୟ ୩ ବର୍ଷ ହେଲା ଆରମ୍ଭ କରାଯାଇଥିଲେ ମଧ୍ୟ ଅଦ୍ୟାବଧି ତାହା ଅଧାପନ୍ତରିଆ ଭାବେ ପଡ଼ି ରହିଛି । ନୂଆଗାଁ ବ୍ଲକ କାର୍ଯ୍ୟାଳୟଠାରୁ ମାତ୍ର ୮୦୦ ମିଟର ଦୂରରେ ଥିବା ଅଙ୍ଗନୱାଡି କେନ୍ଦ୍ର ପାଇଁ ଗୃହ ନିର୍ମାଣ ପ୍ରତି ଗୁରୁତ୍ୱ ଦିଆଯାଇ ନ ଥିବା ବେଳେ ଅନ୍ୟ କେନ୍ଦ୍ର ନିର୍ମାଣ ପାଇଁ କିଭଳି ଗୁରୁତ୍ୱ ଦିଆ ଯାଉଥିବ ତାହା ସହଜରେ ଅନୁମେୟ । ଅଙ୍ଗନୱାଡି କେନ୍ଦ୍ର ଗୃହ ନିର୍ମାଣ ବାବଦରେ ନୂଆଗାଁ ବିଡିଓ ପ୍ରମୋଦ କୁମାର ନାୟକଙ୍କୁ ପଚାରିବାରେ ସେ କୁହନ୍ତି, ଗୃହ ନିର୍ମାଣ ପାଇଁ ଆମେ ଚେଷ୍ଟା ଜାରି ରଖିଛୁ , କିନ୍ତୁ ଅଧିକାଂଶ ସ୍ଥାନରେ ଗ୍ରାମବାସୀଙ୍କ ଅସହଯୋଗ ଯୋଗୁ ଜାଗା ନିରୂପଣ ହୋଇ ପାରୁ ନାହିଁ । ଫଳରେ ଗୃହ ନିର୍ମାଣରେ ବିଳମ୍ବ ଘଟୁଥିବା ସେ ସ୍ପଷ୍ଟ କରିଛନ୍ତି ।


ସ୍କୁଲ ବାରଣ୍ଡାରେ ଚାଲିଛି ମମତା ଦିବସ ।

